| | |
|---|---|
| **PUBLICATION NAME :** | **Swadhikar** |
| **EDITION :** | **Bhubaneswar** |
| **DATE :** | **05/04/2022** |
| **PAGE :** | **3** |

# ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ସମ୍ମିଳନୀ

**ଭୁବନେଶ୍ୱର, ୪।୪ (ସ୍ୱାଧିକାର ନ୍ୟୁଜ):** ଏଂଟରପ୍ରେନ୍ୟୁଅରସିପ୍ ଡେଭେଲପ୍‌ମେଂଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ) ସହଯୋଗରେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟ ସହଯୋଗରେ ଆୟୋଜିତ ଦୁଇ ଦିନିଆ ଏମ୍‌ଏସ୍‌ଏମ୍‌ଇ ପ୍ରତିଦ୍ୱନ୍ଦ୍ୱିତା ଓ ଅଭିବୃଦ୍ଧି ସମ୍ପର୍କିତ ମେଗା ଆନ୍ତର୍ଜାତିକ ସମ୍ମିଳନୀକୁ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନାରାୟଣ ରାଣେ ଉଦଘାଟନ କରିଥିବା ବେଳେ ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ଭାନୁ ପ୍ରତାପ ସିଂହ ବର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଦୁଇ ଦିନିଆ ସମ୍ମିଳନୀରେ ମାନସ ମନ୍ଥନ ଓ ପ୍ୟାନେଲ୍ ଆଲୋଚନା ଆୟୋଜନ କରାଯାଇଥିଲା। ଭାରତ ସମେତ ସିଙ୍ଗାପୁର୍, ପେରୁ, ଲାଓ ପିଡିଆର୍, ରୁଆଣ୍ଡା, ମିଆଁମାର, ରୁଷ, ଉଜବେକିସ୍ତାନ୍, ସ୍ପେନ ଓ ଇରାନର ବକ୍ତା ଓ ବିଶେଷଜ୍ଞମାନଙ୍କ ସମେତ ଉଦ୍ୟୋଗୀ, ନୀତି ନିର୍ଧାରକ, ଶିଳ୍ପ ନେତୃତ୍ୱ, ଶିଳ୍ପ ଚାମ୍ବର୍, ଶିଳ୍ପ ସଂଘ, ଷ୍ଟାର୍ଟଅପ୍, ସାମାଜିକ ପ୍ରଭାବ ସୃଷ୍ଟିକାରୀ ସଂସ୍ଥା, ଏମ୍‌ଏସ୍‌ଏମ୍‌ଇ ଓ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିମାନେ ଏଥିରେ ଅଂଶଗ୍ରହଣ କରଥିଲେ।